# NATIONAL NEWS BULLETIN (ODIA)

## 23 October - 2025

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- କେରଳ' ସାକ୍ଷରତା, ଶିକ୍ଷା ଏବଂ ଜ୍ଞାନର ଶକ୍ତି ଯୋଗୁଁ ଅଗ୍ରଣୀ ରାଜ୍ୟ ହୋଇପାରିଛି ବୋଲି କହିଲେ ରାଷ୍ଟ୍ରପତି ।
- ସପ୍ତଦଶ ରୋଜଗାର ମେଳାରେ ପ୍ରଧାନମନ୍ତ୍ରୀ ଆସନ୍ତାକାଲି ୫୧ ହଜାରରୁ ଊର୍ଦ୍ଧ୍ୱ ନବନିଯୁକ୍ତଙ୍କୁ ବଣ୍ଟନ କରିବେ ନିଯୁକ୍ତିପତ୍ର ।
- ଅପରେସନ୍ ସିନ୍ଦୂର ହେଉଛି, ଭାରତର ଇଚ୍ଛାଶକ୍ତି ଏବଂ ସାମର୍ଥ୍ୟର ପ୍ରତୀକ ବୋଲି ନୌ-କମାଣ୍ଡାର୍ ସମ୍ମିଳନୀରେ କହିଲେ ପ୍ରତିରକ୍ଷା ମନ୍ତ୍ରୀ ।
- ଭାରତ ଓ ଜର୍ମାନୀ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବା ନେଇ ଜର୍ମାନ ଅର୍ଥନୈତିକ ବ୍ୟାପାର ମନ୍ତ୍ରୀଙ୍କ ସହ ଆଲୋଚନା କଲେ ବାଣିଜ୍ୟ ମନ୍ତ୍ରୀ ।

ଏବଂ

- ଆଇ.ସି.ସି. ମହିଳା ଏକଦିବସୀୟ ବିଶ୍ୱକପ୍ କ୍ରିକେଟ୍‌ରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ମୁକାବିଲା ।

# ପ୍ରେସିଡେଣ୍ଟ କେରଳ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, କେରଳ’ ସାକ୍ଷରତା, ଶିକ୍ଷା ଏବଂ ଜ୍ଞାନର ଶକ୍ତି ଯୋଗୁଁ ମାନବ ବିକାଶ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ହୋଇପାରିଛି । କେରଳର ପାଲା ସ୍ଥିତ ସେଣ୍ଟ ଥୋମାସ୍ କଲେଜ୍‌ର ପ୍ଲାଟିନମ୍ ଜୁବଲୀ ସମାରୋହରେ ଆଜି ଯୋଗଦେଇ ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ଚଳିତ ଶତାବ୍ଦୀ ହେଉଛି ଜ୍ଞାନର ଶତାବ୍ଦୀ । ଜ୍ଞାନ’ ସମାଜକୁ ବିକାଶ ଦିଗରେ ଆଗେଇ ନେଇଥାଏ ଏବଂ ଆତ୍ମନିର୍ଭର କରାଇଥାଏ । ରାଷ୍ଟ୍ରପତି ମୁର୍ମୁ ପୂର୍ବତନ ରାଷ୍ଟ୍ରପତି କେ.ଆର୍. ନାରାୟଣନ୍‌ଙ୍କ ଜୀବନଯାତ୍ରାର ସ୍ମୃତିଚାରଣ କରି କହିଥିଲେ, ସାଧାରଣ ପରିବାରରୁ ଜୀବନଯାତ୍ରା ଆରମ୍ଭ କରି ସେ ଉଚ୍ଚଶିଖରରେ ପହଞ୍ଚିପାରିଥିଲେ । ଏହି କଲେଜ୍ ଠାରୁ କିଛି କିଲୋମିଟର ଦୂରରେ ନାରାୟଣନ୍‌ଙ୍କର ଗ୍ରାମ ଥିଲା । ସେଣ୍ଟ ଥୋମାସ୍ କଲେଜ୍, ନୀତିଶିକ୍ଷା ଏବଂ ବୁଦ୍ଧିମତ୍ତା ଏବଂ ପ୍ରଜ୍ଞାର ଗନ୍ତାଘର ବୋଲି ସେ କହିବା ସହ ଏହାର ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ ।  କେରଳର ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର୍, କେନ୍ଦ୍ର ମନ୍ତ୍ରୀ ଜର୍ଜ କୁରିୟନ୍ ଏବଂ କେରଳ ମନ୍ତ୍ରୀ ଭି.ଏନ୍ ଭାସାଭନ୍ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ରାଷ୍ଟ୍ରପତି ଆସନ୍ତାକାଲି ନୂଆଦିଲ୍ଲୀକୁ ପ୍ରତ୍ୟାବର୍ତ୍ତନ କରିବା ପୂର୍ବରୁ ଏର୍ଣ୍ଣାକୁଲମ୍‌ଠାରେ ସେଣ୍ଟ ଥେରାସସ୍ କଲେଜ୍‌ର ସମାରୋହରେ  ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

# ପିଏମ୍ ରୋଜଗାର ମେଳା

ଦେଶର ୪୦ଟି ସ୍ଥାନରେ ଆସନ୍ତାକାଲି ସପ୍ତଦଶ ରୋଜଗାର ମେଳା ଅନୁଷ୍ଠିତ ହେବ । ଏହି ଅବସରରେ  ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୫୧ ହଜାରରୁ ଊର୍ଦ୍ଧ୍ୱ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବେ । ତାମିଲନାଡୁରେ ସୂଚନା ଓ ପ୍ରସାରଣ ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ ଚେନ୍ନାଇ ଠାରେ, ଆୟୁଷ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ରାଷ୍ଟ୍ର ମନ୍ତ୍ରୀ ପ୍ରତାପ ରାଓ ଯାଦବ ମଦୁରାଇଠାରେ, ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ତିରୁଚିରାପଲ୍ଲୀ ଠାରେ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବାର କାର୍ଯ୍ୟସୂଚୀ ରହିଛି ।

# ପିଏମ୍-ଏସିଆନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଳିତ ମାସ ୨୬ ତାରିଖରେ ହେବାକୁ ଥିବା ୨୨ତମ ଏସିଆନ୍ – ଭାରତ ସମ୍ମିଳନୀରେ ଆଭାସି ମାଧ୍ୟମରେ ଯୋଗଦେବେ । ମାଲେସିଆର ପ୍ରଧାନମନ୍ତ୍ରୀ ଅନୱାର୍ ଇବ୍ରାହିମ୍ଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀ ମୋଦୀ ଏହି କାର୍ଯ୍ୟକ୍ରମରେ ଯୋଗଦେଉଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ମାଲେସିଆର ପ୍ରଧାନମନ୍ତ୍ରୀ ଅନୱାର୍ ଇବ୍ରାହିମ୍ଙ୍କୁ ଏସିଆନ୍

ଚାମ୍ପିୟନ୍‌ସିପ୍ ମାଲେସିଆ ଅଧ୍ୟକ୍ଷତା କରୁଥିବାରୁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ମଧ୍ୟ ଆଗାମୀ ସମ୍ମିଳନୀର ସଫଳତା ପାଇଁ ତାଙ୍କୁ ଶୁଭେଚ୍ଛାବାର୍ତ୍ତା ପଠାଇଛନ୍ତି । ଏସିଆନ୍-ଭାରତ ରଣନୈତିକ ଭାଗିଦାରୀତା ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଲାଗି ଦ୍ୱିପକ୍ଷିୟ ପ୍ରତିବଦ୍ଧତାକୁ ମଧ୍ୟ ଶ୍ରୀ ମୋଦୀ ସୁନିଶ୍ଚିତ କରିଛନ୍ତି ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଏସୀୟ ନେତାମାନେ ମିଳିତ ଭାବେ ଏସିଆନ୍-ଭାରତ ସମ୍ମିଳନୀର ବିକାଶ ସମ୍ପର୍କରେ ମିଳିତ ଭାବେ ସମୀକ୍ଷା କରିବେ ଏବଂ ବ୍ୟାପକ ରଣନୈତିକ ଭାଗିଦାରୀ ସମ୍ପର୍କକୁ ସୁଦୃଢ଼ କରିବା ଲାଗି ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିବେ । ଭାରତର ଇଷ୍ଟ ପଲିସି ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଦୃଷ୍ଟିକୋଣକୁ ପ୍ରତିଫଳିତ କରିବା ଲାଗି ଏସିଆନ୍ ସମ୍ମିଳନୀ ହେଉଛି ଆଲୋଚନାର ପ୍ରମୁଖ ସ୍ତମ୍ଭ ହେବ ବୋଲି କୁହାଯାଇଛି । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଚଳିତ ମାସ ୨୭ ତାରିଖରେ କ୍ୱାଲାଲମ୍‌ପୁର ଠାରେ ହେବାକୁ ଥିବା ବିଂଶତମ ଇଷ୍ଟ ଏସିଆ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତିନିଧିତ୍ୱ କରିବେ ।

ଏହି ଇଷ୍ଟ ଏସିଆ ସମ୍ମିଳନୀ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି, ସ୍ଥିରତା ଏବଂ ସମୃଦ୍ଧି ବଜାୟ ରଖିବା ଲାଗି ସୁଯୋଗ ସୃଷ୍ଟି

କରିବ । ଉଭୟ ଆଞ୍ଚଳିକ ଏବଂ ଆନ୍ତର୍ଜାତିକ ସ୍ତରରେ ବିକାଶ ଲାଗି ମତ ବିନିମୟ ସୃଷ୍ଟି କରିବ ।

## ପିଏମ୍-କ୍ୟାମ୍ପେନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ମେରା ବୁଥ୍ ସବ୍‌ସେ ମଜବୁତ୍' କାର୍ଯ୍ୟକ୍ରମ ଅଧୀନରେ ଆଜି ଆଭାସୀ ମାଧ୍ୟମରେ ବିଜେପି-ଏନ୍.ଡି.ଏ. କର୍ମୀମାନଙ୍କ ସହ ମତବିନିମୟ କରିଛନ୍ତି । ପୂର୍ବରୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ ବିହାର ବିଧାନସଭା ନିର୍ବାଚନରେ ବିଜେପି-ଏନ୍.ଡି.ଏ.ର ବିଜୟକୁ ସୁନିଶ୍ଚିତ କରିବା ନିମନ୍ତେ ଉତ୍ସର୍ଗୀକୃତ ମନୋଭାବ ସହ କାର୍ଯ୍ୟ କରିବା ଲାଗି କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ସଂଗଠନର ପ୍ରତ୍ୟେକ ସ୍ତରରେ ଏବଂ ଜନସାଧାରଣଙ୍କ ନିକଟରେ ପହଞ୍ଚିବା ଲାଗି କର୍ମୀମାନଙ୍କର ଅଂଶଗ୍ରହଣ ଏନ୍.ଡି.ଏ.ର ସର୍ବୋଚ୍ଚ ଶକ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି ।

## ରାଜନାଥ ସିଂହ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ଅପରେସନ୍ ସିନ୍ଦୂର ହେଉଛି ଭାରତର ଇଚ୍ଛାଶକ୍ତି ଏବଂ ସାମର୍ଥ୍ୟର ପ୍ରତୀକ । ପ୍ରତ୍ୟେକ

ଆହ୍ୱାନର ମୁକାବିଲା ଲାଗି ଭାରତ ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ଏହା ସବଗ୍ର ବିଶ୍ୱକୁ ବାର୍ତ୍ତା ପ୍ରଦାନ କରିଛି । ନୂଆଦିଲ୍ଲୀ ଠାରେ ଆଜି ନୌ-କମାଣ୍ଡରମାନଙ୍କ ସମ୍ମିଳନୀରେ ଅଂଶଗ୍ରହଣ କରି ମନ୍ତ୍ରୀ ଶ୍ରୀ ସିଂହ ଭାରତୀୟ ନୌବାହିନୀର କମକର୍ତ୍ତାଙ୍କର ପ୍ରଶଂସା କରିଛନ୍ତି । ପାକିସ୍ତାନର ନୌ-ଯବାନମାନଙ୍କୁ ତାଙ୍କ ସୀମାନ୍ତ ମଧ୍ୟରେ ସୀମିତ ରଖିବା ଲାଗି ଭାରତୀୟ ନୌ-ଯବାନମାନଙ୍କର ପ୍ରତିରୋଧ କ୍ଷମତାକୁ ସେ ଭୂୟସୀ ପ୍ରଶଂସା କରିଛନ୍ତି । ଶ୍ରୀ ସିଂହ କହିଛନ୍ତି, ସମଗ୍ର ବିଶ୍ୱ' ଭାରତର ଯୁଦ୍ଧ ପ୍ରସ୍ତୁତି, ପେସାଗତ ସାମର୍ଥ୍ୟ ଏବଂ ନୌବାହିନୀର କ୍ଷମତାକୁ ଉପଲବ୍ଧି କରିପାରିଛି । ଭାରତର ସାମୁଦ୍ରିକ ଅଞ୍ଚଳରେ ନୌ-ଯବାନମାନଙ୍କର ଉପସ୍ଥିତି ବନ୍ଧୁ ରାଷ୍ଟ୍ରମାନଙ୍କ ପାଇଁ ଆରାମ ଦାୟକ ପରିବେଶ ସୃଷ୍ଟି କରିଥିବା ବେଳେ ଅସ୍ଥିରତା ସୃଷ୍ଟିକାରୀ ରାଷ୍ଟ୍ରମାନଙ୍କ ପାଇଁ ନକାରାତ୍ମକ ପରିସ୍ଥିତି ସୃଷ୍ଟି କରିଛି ।

## ବୈଷ୍ଣବ-ରେଲୱେ

ରେଳ ଯାତ୍ରୀମାନଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ସୁନିଶ୍ଚିତ କରିବା ନିମନ୍ତେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ନୂଆଦିଲ୍ଲୀର ରେଳ ଭବନ ଠାରେ ଥିବା ୱାର୍ ରୁମ୍‌ରୁ ପାର୍ବଣ ଋତୁରେ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ସ୍ଥିତିର ସମୀକ୍ଷା କରିଛନ୍ତି । ସେ ଛଟ ପୂଜାର ଅବ୍ୟବହିତ ପୂର୍ବରୁ ରେଳବାଇ

ପକ୍ଷରୁ ନିଆଯାଇଥିବା ସମସ୍ତ ପ୍ରକାର ରେଳ ବନ୍ଦୋବସ୍ତ ସମ୍ପର୍କରେ ଅଧିକାରୀମାନଙ୍କ ସହ ମତବିନିମୟ କରିଛନ୍ତି ।

ରେଳ ଷ୍ଟେସନ୍ ଠାରେ ପାର୍ବଣ ସମୟରେ ହେଉଥିବା ଭିଡ଼କୁ ପରିଚାଳନା ଏବଂ ଅନୁଧ୍ୟାନ କରିବା ଲାଗି ଓ୍ୱାର୍‌ରୁମ୍ ସ୍ଥାପନ କରାଯାଇଛି । ଶ୍ରୀ ବୈଷ୍ଣବ କହିଛନ୍ତି, ସମଗ୍ର ଦେଶରେ ଓ୍ୱାର୍‌ରୁମ୍‌ର ତିନି ସ୍ତରୀୟ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଗୋଟିଏ ଡିଭିଜନ୍ ସ୍ତରୀୟ, ଅନ୍ୟଟି ଜୋନାଲ୍ ସ୍ତରୀୟ ଏବଂ ଆଉ ଗୋଟେ ରେଳବାଇ ବୋର୍ଡ ସ୍ତରୀୟ ବୋଲି ସୂଚନା ଦିଆଯାଇଛି । ସେ କହିଛନ୍ତି, ରେଳବାଇ ବୋର୍ଡ଼ରେ ଉଭୟ ଡିଭିଜନ୍ ଏବଂ ଜୋନାଲ୍ କର୍ମକର୍ତ୍ତା ଦଳ ସମନ୍ୱୟ ସ୍ଥାପନ କରି କାର୍ଯ୍ୟ କରିବେ । ପ୍ରତ୍ୟେକ ବୃହତ ରେଳ ଷ୍ଟେସନ୍ ଗୁଡ଼ିକରେ ମିନି କଣ୍ଟ୍ରୋଲ୍‌ରୁମ୍ ସ୍ଥାପନ କରାଯାଇଥିବା ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି । ସମସ୍ତ ରେଳ ଷ୍ଟେସନ୍ ମଧ୍ୟରେ ସମନ୍ୱୟ ସ୍ଥାପନ କରାଯାଇ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ ବୋଲି ସେ କହିଛନ୍ତି । ଆସନ୍ତା ୪ ଦିନ ମଧ୍ୟରେ ନିୟମିତ ଟ୍ରେନ୍ ଚଳାଚଳ ବ୍ୟବସ୍ଥା ସହ ଅତିରିକ୍ତ ୧୫୦୦ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ । ପ୍ରତ୍ୟେକ ଦିନ ହାରାହାରି ୩୦୦ଟି ସ୍ୱତନ୍ତ୍ର ଟ୍ରେନ୍ ଚାଲିବ ବୋଲି କୁହାଯାଇଛି ।

ସମଗ୍ର ଦେଶରେ ଗତ ୬୧ ଦିନ ମଧ୍ୟରେ ଚଳିତ ମାସ ୧ ତାରିଖରୁ ଆସନ୍ତା ମାସ ୩୦ ତାରିଖ ପର୍ଯ୍ୟନ୍ତ ୧୨ ହଜାରରୁ ଊର୍ଦ୍ଧ୍ୱ ସ୍ୱତନ୍ତ୍ର ଟ୍ରେନ୍

ଚଳାଚଳର ବ୍ୟବସ୍ଥା କରାଯାଇଥିବା ମନ୍ତ୍ରୀ ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି ।

## ଗୋୟଲ୍-ଜର୍ମାନ ମିନିଷ୍ଟ୍ରର୍

ଜର୍ମାନ ଗସ୍ତରେ ଥିବା ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଆଜି ବର୍ଲିନ୍ ଠାରେ ସେଠାକାର ଅର୍ଥନୈତିକ ବ୍ୟାପାର ଏବଂ ଶକ୍ତି ମନ୍ତ୍ରୀ କାଥେରିନା ରିଚେଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଗୋୟଲ କହିଛନ୍ତି, ବାଣିଜ୍ୟ ଏବଂ ପୁଞ୍ଜିନିବେଶ ଦିଗରେ ଭାରତ ଓ ଜର୍ମାନୀ ମଧ୍ୟରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇଛି । ସେହିପରି ପ୍ରତିରକ୍ଷା, ପ୍ରଯୁକ୍ତିବିଦ୍ୟା ଏବଂ ସବୁଜ ଶକ୍ତି କ୍ଷେତ୍ରରେ ଶିଳ୍ପ ଏବଂ ପ୍ରଯୁକ୍ତିବିଦ୍ୟା ଭାଗିଦାରୀତା ସମ୍ପର୍କ ନେଇ ମିଳିତ ଆଲୋଚନା ହୋଇଛି । ଭାରତ-ୟୁରୋପୀୟ ସଂଘ ଏଫ୍.ଟି.ଏ.କୁ ଚୂଡ଼ାନ୍ତ ରୂପ ଦେବା ଲାଗି ଜର୍ମାନର ପ୍ରତିଶ୍ରୁତିବଦ୍ଧତା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିବା ଶ୍ରୀ ଗୋୟଲ କହିଛନ୍ତି । ଭାରତର ବ୍ୟାପକ ପ୍ରତିଭା ସମ୍ପନ୍ନ ବ୍ୟକ୍ତିବିଶେଷଙ୍କ ସମାବେଶ, ବିଭିନ୍ନ କ୍ଷେତ୍ରରେ ସେମାନଙ୍କ କାର୍ଯ୍ୟକୁଶଳତା ସମ୍ପର୍କରେ ଶ୍ରୀ ଗୋୟଲ ଜର୍ମାନ୍ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ ।

## ଏନ୍‌ଏଚ୍‌ଆର୍‌ସି-କୋଲ୍ଡ ୱେଭ୍

ଜାତୀୟ ମାନବିକ ଅଧିକାର କମିଶନ୍ ଏନ୍.ଏଚ୍.ଆର୍.ସି.' ଶୀତଋତୁରେ ଅତ୍ୟଧିକ ଥଣ୍ଡାରୁ ଦୁସ୍ଥ ଏବଂ ଅସହାୟ ଲୋକଙ୍କୁ ସୁରକ୍ଷା ଏବଂ ରିଲିଫ୍ ସହାୟତା ଯୋଗାଇଦେବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ଲାଗି ୧୯ଟି ରାଜ୍ୟ ଏବଂ ୪ଟି କେନ୍ଦ୍ରଶାସିତ ଅଞ୍ଚଳର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜାତୀୟ ଅପରାଧ ରେକର୍ଡ଼ ବ୍ୟୁରୋର ତଥ୍ୟକୁ ଆଧାର କରି କୁହାଯାଇଛି ଯେ ୨୦୧୯ ଏବଂ ୨୦୨୩ ମସିହା ମଧ୍ୟରେ ୩ ହଜାର ୬୩୯ ଜଣ ଲୋକଙ୍କର ପ୍ରବଳ ଶୀତ ଯୋଗୁଁ ମୃତ୍ୟୁ ଘଟିଛି । କମିଶନ୍ ପକ୍ଷରୁ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମାର୍ଗଦର୍ଶିକାକୁ ଅନୁଶୀଳନ କରାଯାଇଛି । ପ୍ରବଳ ଶୀତ ଯୋଗୁଁ ସୃଷ୍ଟି ହେଉଥିବା ପ୍ରତିକୂଳ ପରିସ୍ଥିତିରୁ ରକ୍ଷା ପାଇବା ନିମନ୍ତେ ପ୍ରଶାସନିକ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ଏନ୍.ଏଚ୍.ଆର୍.ସି. ଗୁରୁତ୍ୱାରୋପ କରିଛନ୍ତି ।

## ଓଡିଆଇ-ଇଣ୍ଡିଆ-ଅଷ୍ଟ୍ରେଲିଆ

ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ଆଡିଲେଟ୍ ଠାରେ ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଭାରତକୁ ୨ ୱିକେଟ୍‌ରେ ପରାସ୍ତ କରିଛି । ଏହି ବିଜୟ ଫଳରେ ତିନି ମ୍ୟାଚ୍ ବିଶିଷ୍ଟ

ସିରିଜ୍‌ରେ ଅଷ୍ଟ୍ରେଲିଆ ୨-୦ରେ ଆଗୁଆ ରହିଛି । ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ୍ ହରାଇ ୨୬୪ରନ୍ ସଂଗ୍ରହ କରିଥିଲା । ଭାରତ ପକ୍ଷରୁ ରୋହିତ ଶର୍ମା ସର୍ବାଧିକ ୭୩ରନ୍ କରିଥିବା ବେଳେ ଶ୍ରେୟସ୍ ଆୟାର୍ ୬୧ରନ୍ ସଂଗ୍ରହ କରିଥିଲେ । ଅଷ୍ଟ୍ରେଲିଆ ଦଳ ପକ୍ଷରୁ ମ୍ୟାଥୁ ସର୍ଟ୍ ସର୍ବାଧିକ ୭୪ରନ୍ ସଂଗ୍ରହ କରିଥିବା ବେଳେ କୁପର କନୋଲି ୬୧ରନ୍ କରି ଅପରାଜିତ ଥିଲେ । ଭାରତୀୟ ବୋଲର ଅର୍ଶଦୀପ ସିଂହ, ୱାଶିଂଟନ୍ ସୁନ୍ଦର ଏବଂ ହର୍ଷିତ ରାଣା ଦୁଇଟି ଲେଖାଏଁ ୱିକେଟ୍ ନେଇଥିଲେ ମଧ୍ୟ ଏହା ବିଜୟ ପାଇଁ ଯଥେଷ୍ଟ ହୋଇନଥିଲା ।

## ୱାର୍ଲ୍ଡକପ୍-କ୍ରିକେଟ୍

ନଭି ମୁମ୍ବାଇ ସ୍ଥିତ ଡି.ୱାଇ. ପାଟିଲ୍ ଷ୍ଟାଡିୟମ୍ ଠାରେ ଖେଳାଯାଉଥିବା ଆଇ.ସି.ସି. ମହିଳା କ୍ରିକେଟ୍ ଏକଦିବସୀୟ ବିଶ୍ୱକପ୍ ୨୦୨୫ରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ମୁକାବିଲା ହେଉଛି । ଟସ୍ ଜିତି ନ୍ୟୁଜିଲାଣ୍ଡ ଭାରତକୁ ବ୍ୟାଟିଂ କରିବାକୁ ପ୍ରଥମେ ଆମନ୍ତ୍ରଣ କରିଥିଲା । ସମ୍ବାଦଟି ପ୍ରସ୍ତୁତ ହେବାବେଳକୁ ଭାରତ ୪୮ ଓଭରରେ ୨ ୱିକେଟ୍ ହରାଇ ୩୨୯ରନ୍ ସଂଗ୍ରହ କରିଥିଲା । ତେବେ ବର୍ଷା ଯୋଗୁଁ ଖେଳ ବର୍ତ୍ତମାନ ବନ୍ଦ ରହିଥିବା ସୂଚନା ମିଳିଛି ।